# ମୁକ୍ତି ସଂଗ୍ରାମର ଲୋକପ୍ରିୟ କବି ବାଞ୍ଛାନିଧି

**ଡ଼ଃ କୃଷ୍ଣଚରଣ ବେହେରା**

ଉନବିଂଶ ଶତାବ୍ଦୀ ମଧ୍ୟ ଭାଗରୁ ଭାରତବର୍ଷରେ ବିଦେଶୀ ଶାସନ ବିରୁଦ୍ଧରେ ଯେଉଁ ମୁକ୍ତି ସଂଗ୍ରାମ ଆରମ୍ଭ ହୋଇଥିଲା, ତାହାର ସୁପ୍ରସାର ଓ ଶକ୍ତି ବୃଦ୍ଧିରେ ଚାରିଆଡ଼େ ବହୁ କବି, ଲେଖକ ଓ ପତ୍ରପତ୍ରିକାର ସଂପାଦକ / ସାମ୍ବାଦିକମାନେ ଲେଖନୀ ଚାଳନା ପୂର୍ବକ ଯଥେଷ୍ଟ ସହାୟତା କରିଥିଲେ । ଏ କ୍ଷେତ୍ରରେ ଓଡ଼ିଶା ମଧ୍ୟ ପଛରେ ପଡ଼ିନଥିଲା । ସାମାନ୍ୟ ବିଳମ୍ବରେ ହେଲେ ମଧ୍ୟ ଆମ ରାଜ୍ୟରେ ଜାତୀୟତାବାଦୀ ଆନ୍ଦୋଳନ ଜାଗରୂକ ହୋଇଥିଲା ଏବଂ ମୁକ୍ତି ସଂଗ୍ରାମ ପାଇଁ କେତେକ ସେନାପତିଙ୍କ ସହ ବହୁ ସୈନିକ ବାହାରି ପଡ଼ିଥିଲେ । ମୁକ୍ତି ସଂଗ୍ରାମର ସେହି ଯୋଦ୍ଧାମାନଙ୍କୁ ସ୍ୱଦେଶ ପ୍ରେମରେ ଉଦ୍‌ବୃଦ୍ଧ କରିବା ଉଦ୍ଦେଶ୍ୟରେ ତଥା ସମଗ୍ର ରାଜ୍ୟବାସୀଙ୍କ ପ୍ରାଣରେ ମୁକ୍ତି ପିପାସା ସୃଷ୍ଟି କରିବା ଲକ୍ଷ୍ୟରେ ଯେଉଁ କେତେକ ଚାରଣ କବି ନିଷ୍ଠାପର ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରେ ବାଞ୍ଛାନିଧି ମହାନ୍ତି ଅନ୍ୟତମ ।

କାବ୍ୟ କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧାଦି ସାହିତ୍ୟ ସୃଷ୍ଟି ମାଧ୍ୟମରେ ସ୍ୱଦେଶ ପ୍ରେମ ଓ ଜାତୀୟତାବାଦର ଉଦ୍‌ବୋଧନ କରାଯାଇପାରେ । ଏଠାରେ କିନ୍ତୁ ସେ ଧରଣର ସାହିତ୍ୟ ଓ ସାହିତ୍ୟ -ସ୍ରଷ୍ଟାଙ୍କ ବିଷୟ ବୋଲାଯାଉ ନାହିଁ । ମୁଖ୍ୟତଃ ସ୍ୱଦେଶ ପ୍ରେମାତ୍ମକ ଓ ଜାତୀୟତାବାଦୀ ଗୀତ ରଚନା କରି, ସେଗୁଡ଼ିକ ଚାରିଆଡ଼େ ସାଂଗୀତିକ ଶୈଳୀରେ ଗାନ କରି ତଥା ବହୁବିଧ ନାଟ୍ୟକର୍ମ ଜରିଆରେ ଯେଉଁମାନେ ମୁକ୍ତି ସଂଗ୍ରାମର ପ୍ରଜ୍ୱଳିତ ଅଗ୍ନିଶିଖାକୁ ଇନ୍ଧନ ଯୋଗାଇଥିଲେ, ସେହିମାନଙ୍କ କଥା ବୋଲାଯାଉଛି । ସେମାନଙ୍କ ମଧ୍ୟରେ ଆମ ରାଜ୍ୟର କବି ଦାମୋଦର ପଟ୍ଟନାୟକ ଗୋଦାବରୀଶ ମିଶ୍ର, କୃଷ୍ଣମୋହନ ପଟ୍ଟନାୟକ, ଗୋବିନ୍ଦଚନ୍ଦ୍ର ଶୂରଦେଓ, କାନ୍ତକବି ଲକ୍ଷ୍ମୀକାନ୍ତ, ବାଞ୍ଛାନିଧି ମହାନ୍ତି, ବୀରକିଶୋର ଦାସ, କୃଷ୍ଣ ପ୍ରସାଦ ବୁସ ପ୍ରମୁଖ ବହୁ ସଂଗୀତ ରଚୟିତା ଓ ନାଟ୍ୟକାର ଅନ୍ତର୍ଭୁକ୍ତ । ଏମାନଙ୍କ ଜାତୀୟ ସଂଗୀତାବଳୀର କେତେକ ସ୍ୱତନ୍ତ୍ର ସଂଚୟନ ତ ମୁକ୍ତି -ସଂଗ୍ରାମ ଚାଲିଥିବା କାଳରେ ପ୍ରକାଶ ପାଇଥିଲା । ତାହା ବ୍ୟତୀତ ବିଭିନ୍ନ କବିଙ୍କ ରଚନାବଳୀର ମିଳିତ ସଂକଳନମାନ ମଧ୍ୟ ପ୍ରକାଶିତ ହୋଇଥିଲା । ଉଦାହରଣ ସ୍ୱରୂପ-

(୧) ଜାତୀୟ ସଂଗୀତ (୧୯୦୪) - ରଚୟିତା ଦାମୋଦର ପଟ୍ଟନାୟକ ।

(୨) ନବ ଗୀତିକା (୧୯୨୭)- ସଂକଳୟିତା ଶ୍ରୀ ସାରଥୀ ସାହୁ ।

ଏହି ସଂକଳନରେ ସନ୍ନିବେଶିତ ଗୀତଗୁଡ଼ିକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି, ତନ୍ମଧ୍ୟରେ ଜାତୀୟ ଗୀତିକା ଏକ ବିଶିଷ୍ଟ ବିଭାଗ । ଏହାର ସମସ୍ତ କବି ଆଧୁନିକ ଯୁଗର ।

(୩) ଯୁଗବାଣୀ(୧୯୨୭) -ସଂକଳନୟିତା ଶ୍ରୀ ସତ୍ୟବାଦୀ ତ୍ରିପାଠୀ ।

ଏହି ସଂକଳନର **ଅବତରଣିକା** ଲେଖିଛନ୍ତି ପଣ୍ଡିତ ଗୋଦାବରୀଶ ମିଶ୍ର । ଏଥିରେ ତିରିଶ ଜଣ ଗୀତିକାରଙ୍କ ସଂଗୀତ ସ୍ଥାନିତ ହୋଇଛି । ତନ୍ମଧ୍ୟରେ ଅଛନ୍ତି ଗିରୀନ୍ଦ୍ର ମୋହନୀ ଦାସୀ ଓ ହେମମାଳୀ ଦେବୀ ନାମଧେୟା ଦୁଇ ଜଣ ନାରୀକବି ଏବଂ ବଂକିମଚନ୍ଦ୍ର, ରବୀନ୍ଦ୍ରନାଥ, ଦ୍ୱିଜେନ୍ଦ୍ରଲାଲ ପ୍ରମୁଖ ବଂଗୀୟ କବି ।

(୪) ଦୁନ୍ଦୁଭି (୧୯୨୬) - ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ।

(୫) ସ୍ୱରାଜ ସଂଗୀତ (୧୯୩୧) -ରଚୟିତା ଶ୍ରୀ ତ୍ରିଲୋଚନ ପ୍ରସାଦ ଦାସ ।

ଉତ୍କଳ ଜାତୀୟ ସଂଗୀତ (୧୯୩୧) -ସଂକଳୟିତା ଶ୍ରୀ ବ୍ରଜସୁନ୍ଦର ଦାଶ । ଏହି ସଂକଳୟିତା ଗାୟକ ଓ ସଗୀତଜ୍ଞ ବ୍ରଜସୁନ୍ଦର ମୁକୁର ସଂପାଦକ ଖ୍ୟାତନାମା ବ୍ରଜସୁନ୍ଦର ଦାସଙ୍କଠାରୁ ସ୍ୱତନ୍ତ୍ର ବ୍ୟକ୍ତି ଥିବାର ମନେହୁଏ । ଉକ୍ତ ସଂକଳନର ପ୍ରାୟ କୋଡ଼ିଏ ଜଣ ଉତ୍କଳୀୟ କବିଙ୍କ ସହିତ ବଂକିମଚନ୍ଦ୍ର, ରବିନ୍ଦ୍ରନାଥ, ଦ୍ୱିଜେନ୍ଦ୍ରଲାଲ, ନଜରୁଲ୍ ଇସ୍‌ଲାମ୍ ପ୍ରମୁଖ ଅଣ ଓଡ଼ିଆ କବି ସ୍ଥାନାଲାଭ କରିଛନ୍ତି । ଗ୍ରନ୍ଥାରମ୍ଭରେ ନିବେଦନରେ ଉଲ୍ଲେଖ କରାଯାଇଛି- ବର୍ତ୍ତମାନ ଆମ୍ଭମାନଙ୍କ ଦେଶର ଯେପରି ଅବସ୍ଥା ଉପସ୍ଥିତ ହୋଇଅଛି ତହିଁରେ ଜାତୀୟ ସଂଗୀତର ବିଶେଷ ପ୍ରୟୋଜନ, ଏହା କେହି ଅସ୍ୱୀକାର କରିବେ ନାହିଁ । ୟୁରୋପରେ ଯେଉଁମାନେ ସଂଗୀତ ରଚନା କରି ପରାଧୀନ ଜାତିକୁ ସ୍ୱାଧୀନ କରିଅଛନ୍ତି, ସେମାନଙ୍କର ନାମ ଅଦ୍ୟାବଧି ପ୍ରତି ଗୃହେ ଧ୍ୱନିତ ହେଉଅଛି । । ଭାରତବର୍ଷ ଏହି ପରି କବିମାନଙ୍କର ସଂଗୀତ ନିମନ୍ତେ ରବିବାବୁ , ଡ଼ି.ଏଲ.କାଜୀ ନଜରୁଲ, ବଂକିମବାବୁ ଓ ବଂଗଳାର ଅନ୍ୟାନ୍ୟ କବିମାନଙ୍କ ନିକଟରେ ଚିର ଋଣୀ । ଓଡ଼ିଶାରେ କବି ରାଧାନାଥ, ଭିକାରୀବାବୁ, ଶ୍ରୀଯୁକ୍ତ କୃଷ୍ଣ ମୋହନ ପଟ୍ଟନାୟକ, ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଶୂରଦେଓ, ବାବୁ ନୀଳକଣ୍ଠ ଦାସ, ଶ୍ରୀଯୁକ୍ତ ବାଞ୍ଛାନିଧି ମହାନ୍ତି, ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର, ଶ୍ରୀ ବ୍ରଜସୁନ୍ଦର ଦାସ, ସ୍ୱର୍ଗତ ମଧୁବାବୁ(ରାଓ), ଶ୍ରୀ ବୀରକିଶୋର ଦାସ, ଶ୍ରୀ ରଘୁନାଥ ମହାନ୍ତି ଓ ଅନ୍ୟାନ୍ୟ କବିମାନେ ଜାତୀୟ ସଂଗୀତକୁ ପରିପୁଷ୍ଟ କରିଅଛନ୍ତି । +++ ଏହି ପୁସ୍ତକ ଖଣ୍ଡିକ ଗୀତରେ ଓ କାର୍ଯ୍ୟରେ ପରିଣତ ହେଉ, ଏତିକି ପ୍ରତ୍ୟେକ ଭାରତ ସନ୍ତାନ ନିକଟରେ ମୋର ପ୍ରାର୍ଥନା - ଶ୍ରୀ ପୂର୍ଣ୍ଣଚନ୍ଦ୍ର ବୋଷ, ତା ୮.୧୦.୧୯୩୧ ।

ଏହା ଅଳ୍ପ କେତୋଟି ଉଦାହରଣ ମାତ୍ର । ସ୍ୱାଧୀନତା ଆନ୍ଦୋଳନ କାଳରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ଅନୁରୂପ ସାଂସ୍କୃତିକ ଉଦ୍ୟମ କରାଯାଇଥିଲା । ଏହି ସବୁ କୃତି ଓ ରଚୟିତାଙ୍କ କୃତିତ୍ୱ ବିଷୟରେ ଆଲୋଚନା ଆମ ସାହିତ୍ୟ-ଇତିହାସରେ ଅତ୍ୟଳ୍ପ । ପୂର୍ଣ୍ଣାଙ୍ଗ ଓ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଗଲେ ରାଷ୍ଟ୍ରୀୟ ମୁକ୍ତି-ସଂଗ୍ରାମର ଇତିହାସରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିରୂପିତ ହୋଇପାରିବ ।

ଏହି ପରିପ୍ରେକ୍ଷୀରେ ଚାରଣକବି ବାଞ୍ଛାନିଧିଙ୍କ କୃତି ଓ କୃତିତ୍ୱର ବିଚାର କରାଯାଇପାରେ । ତରୁଣ ଅବସ୍ଥାରୁ ତାଙ୍କଠାରେ ସଂଗୀତ ପ୍ରୀତି ପ୍ରକଟିତ ହୋଇଥିଲା । ଭଦ୍ରକ ହାଇସ୍କୁଲରେ ପଢିଲାବେଳେ ନିଜ ଅଭିଭାବକଙ୍କୁ ଲୁଚାଇ ସେ ପରବର୍ତ୍ତୀ କାଳର ବିଶିଷ୍ଟ କଥାକାର ବୈଷ୍ଣବ ଚରଣ ଦାସଙ୍କ ସହ ସଂଗୀତ ସାଧନା କରୁଥିଲେ । ପରେ କଟକ ରେଭେନ୍ସା କଲେଜରେ ଅଧ୍ୟୟନ କାଳରେ କବି କୃଷ୍ଣ ପ୍ରସାଦ ବସୁ ଓ ଲକ୍ଷ୍ମୀକାନ୍ତଙ୍କ ସାନିଧ ଲାଭ ପୂର୍ବକ ସଂଗୀତ ଚର୍ଚ୍ଚା ଓ ନାଟ୍ୟକର୍ମରେ ନିମଜ୍ଜିତ ରହୁଥିଲେ । କର୍ମ ଜୀବନରେ ସଂଗୀତ ନାଟ୍ୟାଭିନୟ ପ୍ରତି ତାଙ୍କର ସେହି ଆସକ୍ତି ଓ  ଅନୁରାଗ ଅକ୍ଷୁଣ୍ଣ ରହିଥିଲା । ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ରାଧାମାଧବ ଥିଏଟର ପାର୍ଟି (ଇରମ୍)ନ୍ୟୁ ଓଡ଼ିଶ ଥିଏଟର (ମଇତାପୁର) ପ୍ରଭୃତି ପ୍ରତିଷ୍ଠାନ ସହ ସଂପୃକ୍ତି ତାଙ୍କର ନାଟ-ସଂଗୀତ-ପ୍ରୀତିକୁ ବରାବର ଉଦ୍‌ଜୀବିତ କରି ରଖିଥିଲା । ତେଣୁ ବୋଲିବାକୁ ହେବା ଯେ ବାଞ୍ଛାନିଧି ପ୍ରଥମେ ସଂଗୀତଜ୍ଞ, ତତ୍‌ପରେ କବି । ନିଜର ଏକଚାଳିଶ ବର୍ଷର ଜୀବନ-କାଳ ମଧରେ ସେ ସ୍ୱଳ୍ପ ସମୟ ପାଇଁ ଭଦ୍ରକ ହାଇସ୍କୁଲ ଏବଂ ଭଦ୍ରକସ୍ଥ ସର୍ଭେ ଟ୍ରେନିଂ ସ୍କୁଲରେ ଶିକ୍ଷକତା କରିଥିଲେ । ୧୯୨୧ ମସିହାରେ ସ୍ୱାଧିନତା ସଂଗ୍ରାମରେ ଯୋଗଦେଲା ପରେ ସେ ଆଉ କୌଣସି ନିର୍ଦ୍ଦିଷ୍ଟ କର୍ମ ନିଯୁକ୍ତି ଗ୍ରହଣ ନକରି ଦେଶ ଓ ଦଶର ସେବାରେ ନିଜକୁ ଉତ୍ସର୍ଗ କଲେ । ମହାତ୍ମା ଗାନ୍ଧିଙ୍କ ଡ଼ାକରାରେ ସେ ଆମ ରାଜ୍ୟରେ ପଣ୍ଡିତ ଗୋପବନ୍ଧୁଙ୍କ ନେତୃତ୍ୱରେ ଗୋପବନ୍ଧୁ ଚୌଧୁରୀ-ହରେକୃଷ୍ଣ ମହତାବ ପ୍ରମୁଖଙ୍କ ସଂଗରେ ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ । ବିଦେଶୀ ବସ୍ତ୍ର ବର୍ଜନ ଲବଣ ସତ୍ୟାଗ୍ରହ ତଥା ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ବିଭିନ୍ନ ରଚନାତ୍ମକ କାର୍ଯ୍ୟକ୍ରମରେ ଆପଣାର ସମସ୍ତ ଶକ୍ତି ଓ ସମୟ ନିୟୋଜିତ କଲେ । ସକଳ କ୍ଷେତ୍ର ଓ ପରିସ୍ଥିତିରେ ତାଙ୍କର ସଂଗୀତ ରଚନା, ବିଭିନ୍ନ ସଭା-ସମିତିରେ ସେଗୁଡ଼ିକର ଗାନ ବା ଆବୃତ୍ତି ତଥା ନାନା ପ୍ରକାର ନାଟ୍ୟକର୍ମ ବଜାୟ ରହୁଥିଲା ।

ବାଞ୍ଛାନିଧିଙ୍କ ସଂଗୀତ-ସଂଚୟନ ଉତ୍କଳ ବୀଣାର ପ୍ରଥମ ଝଙ୍କାର ଚବିଶ ଗୋଟି ସଂଗୀତ ଘେନି ୧୯୨୮ ମସିହାରେ ଏବଂ ଦ୍ୱିତୀୟ ଝଙ୍କାର ଅଠତିରିଶ ଗୋଟି ସଂଗୀତ ଘେନି ୧୯୩୧ ମସିହାରେ ପ୍ରକାଶ ପାଇଥିଲା । ଏହି ବାଷଠି ଗୋଟି ଗୀତିକବିତା ସ୍ୱଦେଶ-ପ୍ରେମାତ୍ମକ ଓ ଜାତୀୟତାବାଦୀ ସଂଗୀତ । ଏହା ସହିତ ତାଙ୍କର ପ୍ରାୟ ଛୟାଅଶୀ ଗୋଟି ଅପ୍ରକାଶିତ ସଂଗୀତ ମିଶାଇ ଓଡ଼ିଶା ସାହିତ୍ୟ ଏକାଡ଼େମୀ ୧୯୬୩ ମସିହାରେ **ବାଞ୍ଛାନିଧି ପଦ୍ୟାବଳୀ** ଗ୍ରନ୍ଥ ପ୍ରକାଶ କରିଛନ୍ତି । ଏହା ବ୍ୟତୀତ ବାଞ୍ଛାନିଧିଙ୍କର ଆଉ କେତେକ ଅପ୍ରକାଶିତ ରଚନା ରହିଥିବାର ଜଣାପଡ଼େ । ଗବେଷକ ଡ଼କ୍ଟର ମନୀନ୍ଦ୍ର ମହାନ୍ତିଙ୍କ ଦ୍ୱାରା ସେହି ଅପ୍ରକାଶିତ କିଛି ସଂଗୀତ, ଖଣ୍ଡିଏ ନାଟ୍ୟକୃତି ଓ  ଗୋଟିଏ ପ୍ରବନ୍ଧ ସଂଗୃହୀତ । ଏହା ସବୁ ଅବିଳମ୍ବେ ପ୍ରକାଶ ପାଇବା ଲୋଡ଼ା ପଡୁଛି ।

ସେତେବେଳେ ଦେଶ ସମକ୍ଷରେ ଦୁଇଟି ମୁଖ୍ୟ ସମସ୍ୟା ସମୃଦ୍ଧିର ପ୍ରତିବନ୍ଧ ରୂପେ ଠିଆ ହୋଇଥିବାର ଚାରଣ କବି ହୃଦୟଙ୍ଗମ କରିଥିଲେ । ଗୋଟିଏ ସମସ୍ୟା ହେଲା ବିଦେଶୀ ଶାସନ କବଳରୁ ମୁକ୍ତିଲାଭ ଏବଂ ଅନ୍ୟଟି ଛିନ୍ନବିଛିନ୍ନ ଓ ସ୍ୱାତନ୍ତ୍ର୍ୟହୀନ ହୋଇ ପଡ଼ିରହିଥିବା ପ୍ରାକୃତିକ ଓଡ଼ିଶାର ଏକତ୍ରୀକରଣ ତଥା ସ୍ୱତନ୍ତ୍ର ପ୍ରଦେଶ ଗଠନ । ଏହି ଉଭୟ ସମସ୍ୟା ତାଙ୍କର ସଂଗୀତାବଳୀରେ ଚମତ୍କାର ରୂପାୟନ ଲାଭ କରିଛି । ସ୍ୱାଧିନତା ଲାଭର ଉଦଗ୍ର କାମନା ତାଙ୍କର ବିଭିନ୍ନ ଗୀତି-କବିତାରେ ସୁପରିସ୍ଫୁଟ ।

**ଉଦାହରଣ ସ୍ୱରୂପ :-**

ସଂସାର ସାଗର ଜନ୍ମ ଅଧିକାର
ସବୁରି ସଂପତ୍ତି ସ୍ୱାଧୀନତା, ଭାଇ ।
ଚିର ପରାଧୀନ ନୁହଁଇ  କେହି ତ
କାହା ଭାଗ୍ୟେ ଧାତା ଏହା ଲେଖି ନାହିଁ ॥
ହେବାକୁ ସ୍ୱାଧୀନ ପଶୁପକ୍ଷୀ ନରେ
ସବୁରି ପରାଣେ ଆଶା ତ ସଂଚରେ
ପିଞ୍ଜରାରେ ଶୁଆ ଅବା ସିଂହ ଛୁଆ
କି ବେଦନା ଭୋଗେ ସେ ସିନା ଜାଣଇ ॥
ମାନବ ତ ସବୁ ପରାଣୀର ସାର
ସ୍ୱାଧିନତା ଦାବୀ ଅଧିକ ତାହାର
ମାନବ ଜଗତେ ଯେ ଜାତି ଆଲୋକ
ସେ କି ରହିଥିବ ପରକୁ ଅନାଇ ॥

ପରାଧୀନ ବୋଲି ଭାରତ ସନ୍ତାନ
ହୋଇଥିବୁ କି ହେ ଚିର ଉଦାସୀନ !
ଆମ୍ଭେ ପରା ଅଛୁଁ ତେତ୍ରିଶ କୋଟି ହେ
ତେବେ କିମ୍ପା ଚିନ୍ତା ଭାବନା କା ପାଇଁ ॥

ସେହିପରି ଅନ୍ୟତ୍ର :

(ଗାଅ) ସ୍ୱାଧୀନ ଭାରତ ସ୍ୱାଧୀନ ଭାରତ
ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ
(ଗାଏ) ସାଗର ଭୂଧର ଅମ୍ବର ଚୁମ୍ବିତ
ଭାଲ ହିମାଚଳ ଗିରିବର କଂପିତ
ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ ॥
ପାବନୀ ଗଂଗା ଯମୁନା ସଂଗେ
ସିଂଧୁ ମହାନଦୀ କାବେରୀ ରଂଗେ
ପ୍ଳାବିତ ଭୁବନ ସୁରଧୁନୀ ଶୋଭନ
ସୂଚିତ ସ୍ୱାଧୀନ ରେ ॥
ବଂଗୋପସାଗର ଉନ୍ନତ ବେଶେ
ନର୍ତ୍ତନ କୀର୍ତ୍ତନ ଉନ୍ନତ ବେଶେ
ଅଂଗେ ରଂଗେ ତରଂଗ ଭଂଗେ
ସୂଚିତ ସ୍ୱାଧୀନରେ ॥

ସ୍ୱାଧୀନତା ଲାଭ ପାଇଁ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଅହିଂସା, ସତ୍ୟାଗ୍ରହ ଓ ଅସହଯୋଗ ବଳରେ ସଂଗ୍ରାମ ଚଳାଇବାକୁ ବାଞ୍ଛାନିଧି ଆହ୍ୱାନ ଦେଇଛନ୍ତି:

ଗାନ୍ଧି ଗାନ୍ଧି ଜୟ ଗାଅ ଜୟ ଜୟ ବୋଲି
ବଦନ ଭରି ଗାଆ ଗାଅ ହେ ॥
ଘୋଟିଛି ଅଶାନ୍ତି ନିଆଁ    ଦେଖୁନା ସାରା ଦୁନିଆଁ
(ତାର) ପ୍ରତିକାର ସିନା ଏକା ମହାତ୍ମା ଆଶ୍ରୟ ହେ ॥
ଦାନବ ଭୂତ ମନ୍ଦିରେ    ଭାରତ ମାତା ବନ୍ଦୀରେ
(ମାଆକୁ) ମୁକୁଳାଇବୁ ତୁ ଯଦି କର ନାହିଁ ଭୟ ହେ ॥
ମନୁଷ୍ୟ ନିଜେ ତ ହୋଇ    ମନୁଷ୍ୟ ନ ଡ଼ର ଭାଇ
ଜଗତେ ନଡ଼ର ଆନେ ଏକା ଜଗଜ୍ଜୟ ହେ ॥
ଅରଟ ଅସ୍ତ୍ରର ବଳେ    ସ୍ୱରାଜ୍ୟ ଲଭିବା ହେଲେ
(ସେତ)ସୁଦର୍ଶନ ଚକ୍ର କରିଦେବ ପାପ କ୍ଷୟ ହେ ॥
ଭାରତ ମାତା ଉଦ୍ଧାର    ସ୍ୱରାଜ୍ୟ ପ୍ରାପତି ସାର
ଜଗତ କରତା ଜଗନ୍ନାଥେ କର ଲୟ ହେ ॥

ବିଦେଶୀ ବର୍ଜ୍ଜନ ଓ ସ୍ୱାବଲମ୍ବନଶୀଳତା ଥିଲା ଅସହଯୋଗର ବଳିଷ୍ଠ ଦିଗ-

ତେଜ ତେଜ ଭାଇ ବିଦେଶୀ ବସନରେ
ବିଦେଶୀ ବସନରେ ବିଲାତି ଫେସନରେ ॥
ପିନ୍ଧି ବରଦେଶୀ ସାଜ    ନ ମାଡ଼େ କି ତିଳେ ଲାଜ !
ପର ଘର ଲୁଗାରେ କି ଥାଏ ଭାଇ ସମ୍ମାନରେ ॥
ବିଦେଶୀ ବେପାରୀ ପୋଷି    ସ୍ୱଦେଶ ଦେଉଛ ନାଶି
ଗାଆଁ – ତନ୍ତୀ ମଲେ ହୋଇ ଅକାରଣ ହଇରାଣ ରେ ॥
ହେଜୁ ନାହିଁ କି ଉପାୟେ    ଘରୁ ଧନ ବହିଯାଏ

କିଏ କରୁଛି ରକତ ଗୁପତରେ ଶୋଷଣ ରେ ॥

ସେହିପରି ଅନ୍ୟ ଏକ ଗୀତି କରିତାରେ –

କାହିଁ ରହିଛ ଭାଇ ଅଳସ ବସି ହୋ
ପର ନେଇଗଲା ଧନ ସଭିଠୁଁ କଷି ହୋ ॥
(ଏବେ) ଘର ବେଉସା ଛାଡ଼ି ଦେଇ
ସହରେ ଗଲେ ପଳାଇ ।
ଦେଶର ଜୀବିକା ବୁଡ଼ିଲା
ଏପରି କଳ ମୋଡ଼ିଲା ।
ପ୍ରମାଦ ଆସି ବଢିଲା
ଗାଁ ଯେ ଖାଲି ପଡ଼ିଲା ।
ମୁଲ ମଜୁରୀ ବଢିଲା
ନଖାଇ ବଂଶ ବୁଡ଼ିଲା
(ଏବେ) ଲକ୍ଷ୍ମୀ ଠାକୁରାଣୀଇ ଚାଲି ଗଲେଣି ରୁଷି ହୋ ॥
ଦେଇ କପଡ଼ା ବିଲାତି
ନିଏ ଜାହାଜ ଭରତି,
ଧାନ ଚାଉଳ ଗହମ
ଖାଇବା ସରଂଜାମ,
ଆମେ ମରିଲେ ଭୋକରେ
ଦିନକୁ ଦିନ ଦୁଃଖରେ ।
ଜିନିଷ ଦର ବଢିଲା
ଏହା କେହି ନ ବୁଝିଲା ।
ଜାଣି ତ ପାରିଲେ ଗାନ୍ଧି ହିସାବ କଷି ହୋ ॥
ଗାନ୍ଧିବାଲା ବାରମ୍ବାର
କଲେ ଅରଟ ପ୍ରଚାର ।
ଛାଡ଼ିଦିଅ ଅଦାଲତ
କର ଗ୍ରାମେ ପଞ୍ଚାୟତ ।
ମଦ ଅଫିମ ଗଂଜାଇ
ନିଶା କିଛି ଖାଅନାହିଁ ।
ହିନ୍ଦୁ ମୁସଲମାନ ଭାଇ
ଅହିଂସା ଧରମେ ରହି ।
ନିଜ ଘର ନିଜେ କର
କାହିଁକି ପୋଷୁଛ ପର ।
ନମାନି ସେ କଥା, ତାଙ୍କୁ ଦେଇଛ ହସି ହୋ ॥

ସ୍ୱରାଜ ସକାଶେ ଅହିଂସା ସଂଗ୍ରାମରେ ଜାତିକୁ କିଛି ତ୍ୟାଗ କରିବାକୁ ହେବ, ସ୍ୱାର୍ଥବଳି ଦେବାକୁ ପଡ଼ିବ । କେବଳ ବିଦେଶୀ ଶାସକଙ୍କର ନାନା କମିଟି କମିଶନ ଆଗରେ ଆପତ୍ତି ଅଭିଯୋଗ କଲେ, ସୁଫଳ ମିଳିବ ନାହିଁ । ଏକଥର ଚାରଣ କବି ଭଲ ଭାବରେ ବୁଝିଥିଲେ ଏବଂ ସେଥିପାଇଁ ଗାଇଥିଲେ :

ଆଜି କାଲି କମିଶନ୍ ଫମିସନ୍
କେତେଯେ କମିଟି ମାନ
ନିତି ନିତି ବସି ଯାଉଛି
ସତେ କି ସେ ସୁରବର

ଏଥର ଅମର ବର
ଯାଚି ଦେବେ ଜଣା ଯାଉଛି ।
ବର ତ ମିଳିଛି ଯାହା
ମନ ତ ଜାଣିଛି ତାହା
ଭଣ୍ଡାମିରେ ମନ ଆଉ ସତେ ଭୁଲୁଛି ॥
ଏ ଦେଶରେ କେତେ ଥର
ବସିଛି ନାନା ପ୍ରକାର ।
କମିଟି ସବ୍‌କମିଟି ମନେ କି ଅଛି
କାମରେ ସବ୍ କମିଟି
ଫଳ ଭଲେ ଯାହା ତାହା ଜଣାଯାଉଛି ॥

ସେହିପରି ଅନ୍ୟତ୍ର

କହ କେଉଁ ଜାତି ପାଇଛି ମୁକତି
କରି ହୁରି ହାରି ଗୁହାରି,
କହ ପାଇଛି କେ ସୁଖ ଲିଭାଇଛି ଦୁଃଖ
ମାଗି ମାଗି ପଥ ଭିକାରୀ ।
ଯେବେ ବାଘ ମୁହେଁ ପଡ଼େ ଶିକାର
ମିନତିରେ ପାଏ କି ସେ ଉଦ୍ଧାର !
ଛାଡ଼ି କି ଦିଏ କେବେ ଧୀବର ଜାଲରୁ
ନଗଲେ ମୀନ ଆପେ ବାହାରି ॥
ଦେଖ ଆଇସିସ୍, ଚାଇନା, ଜାପାନ,
ଆମେରିକା,ଆଫ୍‌ଗାନ୍ ପଠାନ ।
ପରାଣ ପାତି ହେଲେ ମୁକତି
ଜୀବନ-ମରଣ ନ ବିଚାରି ॥

ନିଜ ପ୍ରଦେଶର ସେତେବେଳେ ଯେଉଁ ଅଙ୍ଗହାନି ଘଟିଥିଲା ଏବଂ ଓଡ଼ିଶା ପ୍ରଥମେ ବଂଗ-ବିହାର, ପରେ କେବଳ ବିହାର ସହ ଯେପରି ମିଶି ରହିଥିଲା ତହିଁରେ ବାଞ୍ଛାନିଧି ପ୍ରାଣରେ ବଡ଼ ପୀଡ଼ା ପାଇଛନ୍ତି । ପଣ୍ଡିତ ଗୋଦାବରୀଶଙ୍କ ସହ ସେ ଓଡ଼ିଶାର କେତେକ ବିଛିନ୍ନାଂଚଳ ଗସ୍ତ କରି ସେଠାରେ ଦେଶ ମିଶ୍ରଣ ଓ ସ୍ୱାଧୀନତାର ବାର୍ତ୍ତା ପ୍ରକାର କରିଛନ୍ତି । ତାଙ୍କ ଲେଖନୀରୁ ଝରି ପଡ଼ିଛି-

କି ହେବ ଏ ମୁଣ୍ଡକଟା ଦେଶକୁ ଘେନି
ମୁଣ୍ଡକଟା ଗୋଡ଼ କଟା ପଙ୍ଗୁକୁ ଘେନି !
ମୋ ଜନନୀ କି ସୁନ୍ଦର ସିଂହଭୂମି ତାର ଶିର
ମେଦିନୀପୁର ମଂଜୁଷା ପୟର ବେନି ॥
ଟିକିଲୀ ତା ଅଂଗ ଟୀକା ସମ୍ବର ଚାରୁ ଛିଟିକା
ଫୁଲଝର ଫୁଲଝରା ସୁଷମା ବେଣୀ ॥
ମୋ ଜାତି କେତେ ମହତ ହୋଇଛି ଚେତନା ହତ
ତିନିଦେଶେ ବନ୍ଧା ଜଳଧାରା ତ୍ରିବେଣୀ ॥

ନିଜ ପ୍ରଦେଶର ଦୁଃସ୍ଥିତି ଓ ଦୂରବସ୍ଥା କଥା ଭାଳି ହୋଇଥିଲେ ହେଁ, ଚାରଣ କବି ଭାରତମାତାର ମୁକ୍ତି ସାଧନାକୁ ଜପାମାଳି କରିଥିବାର ଦେଖାଯାଏ । ବସ୍ତୁତଃ ତାଙ୍କର ଜାତୀୟତାବାଦ ଆଦୌ ସଂକୀର୍ଣ୍ଣ ଓ ସୀମାବଦ୍ଧ ନଥିଲା । କବି ରବିନ୍ଦ୍ରନାଥ, ପଣ୍ଡିତ ଗୋପବନ୍ଧୁ ଓ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଭଳି ସେ ନିଜ ଜନ୍ମ ମାଟିର କଥା କହିଥିଲେ ହେଁ, ତାଙ୍କର ଅନ୍ତରାତ୍ମାରେ ମହାଭାରତୀୟଭାବ ବରାବର ଜାଗରୁକ ଥିଲା । ସେଥିପାଇଁ ଏକ ଦିଗରେ ହେ ମା ଉତ୍କଳ ଜୟ ମା ବନ୍ଦେ, ବନ୍ଦେ ଜନନୀ ଗୋ ପାଦାର ବିନ୍ଦେ ମନ୍ତ୍ରୋଚ୍ଚାରଣରେ ଉତ୍କଳ-ବନ୍ଦନା କରିଥିଲା ବେଳେ ଅନ୍ୟ ଦିଗରେ ସେ ଏହିପରି ଭାରତର ଜୟଗାନ କରିଛନ୍ତି-

ଜୟ ଜୟ ହିନ୍ଦୁ ମୁସଲମାନ

ଶିଖ ପାର୍ସି ଜୈନ ବୌଦ୍ଧ ଇହୁଦୀ ଖ୍ରୀଷ୍ଟିୟାନ ।
ନକରି କାହାରି ଭୟ ଗାଅ ଜନ୍ମଭୂମିର ଜୟ
ସ୍ୱାଧୀନତା ବୈଜୟନ୍ତୀ ଉଡ଼ାଅ ଅବନୀମୟ ।
ଗର୍ଜିଉଠୁ ସିଂହନାଦେ ସୁପ୍ତ ହିନ୍ଦୁସ୍ଥାନ ॥
ଭାରତ ଗଗନ ଭାରତ ପବନ
ଭାରତର ମାଟି ଭାରତର ଜଳ ଅମୂଲ୍ୟ ଧନ
ଗାଅ ଭାଇମାନେ ଐକ୍ୟ ମନେ ଭାରତର ଜୟମାନ ॥
ଭାରତ ଗଗନେ ନବୀନ ସୂର୍ଯ୍ୟ ଉଇଁଲାଣି ଆସି
ଭାରତ କ୍ଷେତ୍ରେ ସଭିଏଁ ମୁକ୍ତ ସଭିଏଁ ଶକ୍ତିମାନ ॥

ଅନ୍ୟ ଏକ ଗୀତି କବିତାରେ ଭାରତ ମାତାଙ୍କ ଶୃଙ୍ଖଳ ମୁକ୍ତିର କାମନା ଆହୁରି ସ୍ପଷ୍ଟ ଓ ପ୍ରଭାବଶାଳୀ-

ଧନ ଜନ ଯୁକ୍ତା ଭାରତ ମାତା
ନମୋ ନମୋ ଜନନୀ ଶ୍ରୀ ଚରଣେ
ସନ୍ତାନ ବନ୍ଦେ ପ୍ରେମାନନ୍ଦେ
ଯା ଚିତ୍ତ କରୁଣା ମା ଶରଣେ
ବନ୍ଧନ ଅନ୍ତର କାତର ଅତି
ମୁକତି କାମେ ଆମେ ଦେଇଛୁଁ ମତି
ଚାହଁ ସନ୍ତାନ ସନ୍ତତି ସଂଚରଣେ ॥
ସଂଗୀତେ ଇଂଗିତେ ବିଷାଦ ଛାୟା
ଯାଉ ଗୋ ଦୂରେ ଛାର ପରାଣ-ମାୟା ।
ପୁଲକିତ ଚିତ୍ତେ ସମରେ ପଶୁଁ
ତବ ମନ୍ତ୍ରେ ହିଂସା ହୃଦୁ ବିନାଶୁ ।
ଭେଦି ତୁଙ୍ଗ ଗିରି, ସିନ୍ଧୁ ସନ୍ତରଣେ
ନମୋ ନମୋ ଜନନୀ ଶ୍ରୀଚରଣେ ॥

ନାରୀ ଜାଗରଣ, ବିଧବା ବିବାହ, ଅସ୍ପୃଶ୍ୟତା ନିବାରଣ, ଜାତିଭେଦ ଦୂରୀକରଣ ଆଦି ବିଭିନ୍ନ ସାମାଜିକ ସମସ୍ୟା ଘେନି ବାଞ୍ଛାନିଧି ମଧ୍ୟ କେତେକ ଗୀତି କବିତା ରଚନା କରିଛନ୍ତି । କିନ୍ତୁ ମୁକ୍ତି-ସଂଗ୍ରାମ ବିଷୟକ ତାଙ୍କର ଗୀତି କବିତାର ସଂଖ୍ୟା ସର୍ବାଧିକ । ଏହି ସବୁ କବିତାର ଅନ୍ତଃସ୍ୱର ହେଉଛି ସ୍ୱଦେଶ ପ୍ରେମ ଓ ଜାତୀୟତାବାଦ, ପ୍ରାକ୍ ସ୍ୱାଧୀନତା କାଳରେ ଜନ ସାଧାରଣଙ୍କ ଚିତ୍ତରେ ଯାହାର ଉଦ୍‌ବୋଧନ କରିବା ଅତ୍ୟନ୍ତ ଆବଶ୍ୟକ ଥିଲା । ଗୀତି କବିତାଗୁଡ଼ିକୁ ସାଂଗୀତିକତା ପ୍ରଦାନରେ ସେତେବେଳେ ବାଞ୍ଛାନିଧିଙ୍କର ପ୍ରଧାନ ସହାୟକ ଥିଲେ କଟକ ଆର୍ଟ ଥିଏଟର -ଖ୍ୟାତ ସଂଗୀତଜ୍ଞ ଗୌରାଙ୍ଗଚନ୍ଦ୍ର ଦାସ ନଟଗନ୍ଧର୍ବ(୧୯୦୭-୮୨) । ଏଗୁଡ଼ିକୁ ସ୍ୱରତାଳ ସହ ବିଭିନ୍ନ ବାଦ୍ୟଯନ୍ତ୍ର ସହଯୋଗରେ ଚାରଣକବି, ସଭା-ସମିତି-ସମ୍ମେଳନମାନଙ୍କରେ ତଥା ନାଟ୍ୟାଭିନୟରେ ଉଦାତ୍ତ କଣ୍ଠରେ ଗାନ କରୁଥିଲେ । ସାଧାରଣ ଜନତା ଉପରେ ତାହାର ଯାଦୁକରୀ ପ୍ରଭାବ ଉପଲବ୍ଧ ହେଉଥିଲା । ପଣ୍ଡିତ ଗୋପବନ୍ଧୁ, ଡ଼ଃ ମହତାବ, କବିଚନ୍ଦ୍ର କାଳୀଚରଣ ପ୍ରମୁଖ ନିଜ ନିଜର ଭିନ୍ନ ଭିନ୍ନ ଲେଖାରେ ବାଞ୍ଛାନିଧିଙ୍କ ଏହି କୃତି ଓ କୃତିତ୍ୱର ସପ୍ରଶଂସା ଉଲ୍ଲେଖ କରିଯାଇଛନ୍ତି ।

ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ
ଇ-୧, ଉତ୍କଳ ଆପାର୍ଟମେଣ୍ଟସ୍
କଲ୍ୟାଣୀ ନଗର, କଟକ- ୭୫୩୦୧୩